କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଭି.ଏସ୍. ନାରାୟଣ ସ୍ୱାମୀ

ଅଗଷ୍ଟ 21,1991

[ରଙ୍ଗନାଥ ମିଶ୍ର, ସି.ଜେ., ଏମ୍. ଏଚ୍. କାନିୟା ଏବଂ

କୁଲଦିପ ସିଂ, ନ୍ୟାୟମୂର୍ତ୍ତିବୃନ୍ଦ]

*ମହୀଶୂର ଅବକାରୀ ଅଧିନିୟମ 1965/କର୍ଣ୍ଣାଟକ ଅବକାରୀ (ଭାରତୀୟ ଏବଂ ବିଦେଶୀ ମଦ ବିକ୍ରୟ) ନିୟମ, 1968:ଧାରା 23 (d)/ନିୟମ 8 (1):ଶୁଳ୍କ ଯୋଗ୍ୟ ସାମଗ୍ରୀର ଉତ୍ପାଦନ ଏବଂ ବିକ୍ରୟ-* ***ଅଧିନିୟମ ଅନୁଯାୟୀ ଏହାର ଅନୁଜ୍ଞାପତ୍ର ଦେୟ ଲାଗୁ କରିବା-ପ୍ରାଧିକୃତ ଦୋକାନ ପାଇଁ ଅନୁଜ୍ଞାପତ୍ର ଦେୟ -ନିୟମାବଳୀ*** *ଅନୁଯାୟୀ ଲାଗୁ କରିବା-ପ୍ରାସଙ୍ଗିକ ନିୟମ-ଅଧିନିୟମ ଦ୍ୱାରା ସମର୍ଥିତ ଏବଂ ଆଇନର ପ୍ରାଧିକାର ଥିଲା କି ନାହିଁ।*

**ଏକ ଅନୁମୋଦିତ ଦୋକାନରେ ମଦ ବିକ୍ରି ପାଇଁ କର୍ଣ୍ଣାଟକ ଅବକାରୀ ଅଧିନିୟମ ଅନୁଯାୟୀ ଅନୁଜ୍ଞାପତ୍ରଧାରୀ ଥିବା ଉତ୍ତରଦାତା , ମହୀଶୂର ଅବକାରୀ ଅଧିନିୟମ 1965 ର ଧାରା 23 (d) ଏବଂ କର୍ଣ୍ଣାଟକ ଅବକାରୀ (ଭାରତୀୟ ଏବଂ ବିଦେଶୀ ମଦ ବିକ୍ରୟ) ନିୟମାବଳୀ, 1968 ର ନିୟମ 8 (1)ର କ୍ଷମତାକୁ ରାଜ୍ୟର ଆଇନଗତ କ୍ଷମତା ବାହାରେ ବୋଲି ଆପତ୍ତି କରି, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ ।**

**ଉଚ୍ଚ ନ୍ୟାୟାଳୟ, ଅଧିନିୟମର ଧାରା 23 (d) ସମ୍ବନ୍ଧରେ ଉତ୍ତରଦାତାଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ, କିନ୍ତୁ ଦର୍ଶାଇଥିଲେ ଯେ, ଖୁଚୁରା ଦୋକାନ ପାଇଁ ଅନୁଜ୍ଞାପତ୍ର ଦେୟ କର ବସାଣକୁ ପ୍ରାଧିକୃତ କରୁଥିବା ନିୟମ 8 (1) ଆଇନ ର ପ୍ରାଧିକାର ବିନା ଥିଲା ଏବଂ ରିଟ୍ ଆବେଦନ ଦାଖଲ କରିବା ପୂର୍ବରୁ ତିନି ବର୍ଷ ପାଇଁ ସଂଗୃହୀତ କର ବସାଣ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।**

**ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟରେ ବ୍ୟଥିତ ହୋଇ, ଅପିଲକାରୀ-ରାଜ୍ୟ ବିଶେଷ ଅନୁମତି ଦ୍ୱାରା ବର୍ତ୍ତମାନର ଅପିଲକୁ ଆଗତ କରିଛନ୍ତି ।**

**ଅପିଲକୁ ଖାରଜ କରି, ଏହି ନ୍ୟାୟାଳୟ,**

**ଦର୍ଶାଇଛନ୍ତି:ମହୀଶୂର ଅବକାରୀ ଅଧିନିୟମ 1965 ର ଧାରା 23 (d)ର ଆପତ୍ତିକୁ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ଗ୍ରହଣ କରିନଥିଲେ । ଧାରା 23 (d) ଅନୁଯାୟୀ ଯାହା ଅଧିକୃତ ହୋଇଛି ତାହା ହେଉଛି କୌଣସି ଶୁଳ୍କ ଯୋଗ୍ୟ ସାମଗ୍ରୀର ଉତ୍ପାଦନ କିମ୍ବା ବିକ୍ରୟ ସମ୍ବନ୍ଧରେ ଅନୁଜ୍ଞାପତ୍ର ଦେୟ ଲାଗୁ କରିବା । କର୍ଣ୍ଣାଟକ ଅବକାରୀ (ଭାରତୀୟ ଏବଂ ବିଦେଶୀ ମଦ ବିକ୍ରୟ) ନିୟମାବଳୀ, 1968 ର ନିୟମ 8 (1) ସ୍ପଷ୍ଟ ଭାବରେ ଅନୁଜ୍ଞାପତ୍ରପ୍ରାପ୍ତ ଦୋକାନ ଅବସ୍ଥିତ ଥିବା ପରିସର ପାଇଁ ଏକ ଅନୁଜ୍ଞାପତ୍ର ଦେୟକୁ ବାଧ୍ୟତାମୂଳକ କରି ଏହି ଧାରାରେ ସକ୍ଷମ ବ୍ୟବସ୍ଥା ବାହାରକୁ ଚାଲିଯାଇଛି । ଏପରି ଦେୟକୁ ଧାରା 23 (d) ର ସମର୍ଥନ ରହିବ ନାହିଁ । ଏହି ଉପସଂହାରର ସମର୍ଥନ ପାଇଁ ପୂର୍ବ ଦୃଷ୍ଟାନ୍ତ ଉଲ୍ଲେଖ କରିବା ଅନାବଶ୍ୟକ । ନିୟମାବଳୀ ଅନୁଯାୟୀ ବିଚାର କରାଯାଇଥିବା ପ୍ରକାରର ଅନୁଜ୍ଞାପତ୍ର ଦେୟ ପାଇଁ ବିଧାନସଭା ଏକ ବୈଧାନିକ ବ୍ୟବସ୍ଥା କରିବା ସମ୍ଭବ ହୋଇପାରେ କିନ୍ତୁ ବିଧାନର ପ୍ରାଧିକରଣ ବିନା ଏହି ପ୍ରକାରର ନିୟମ ତିଆରି କରାଯିବା ଉଚିତ ନୁହେଁ ।**

ଦେୱାନୀ ଅପିଲ ଅଧିକାରିତା:ଦେୱାନୀ ଅପିଲ ସଂଖ୍ୟା 1801/1974 ।

ଡବ୍ଲ୍ୟୁ. ପି. ସଂଖ୍ୟା 1956/1971ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ତା20.3.1974ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଆର୍. ଏନ୍. ନରସିଂହମୂର୍ତ୍ତି, ନୋଭିନ ସିଂ ଏବଂ ଏମ୍. ବୀରପ୍ପା ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ରଙ୍ଗନାଥ ମିଶ୍ର, ସିଜେ,** ବିଶେଷ ଅନୁମତି ଦ୍ୱାରା ଏହି ଅପିଲ । କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ରାୟକୁ ଆପତ୍ତି କରାଯାଉଛି ଯେଉଁଥିରେ କର୍ଣ୍ଣାଟକ ଅବକାରୀ (ଭାରତୀୟ ଏବଂ ବିଦେଶୀ ମଦ ବିକ୍ରୟ) ନିୟମାବଳୀ, 1968 ର ନିୟମ 8 (1) ଘୋଷଣା କରାଯାଇଛି, ଯାହା ଦ୍ୱାରା ଏହା ଅଧିକୃତ ଭାରତୀୟ ଏବଂ ବିଦେଶୀ ମଦର ଖୁଚୁରା ବିକ୍ରୟ ପାଇଁ ଅନୁଜ୍ଞାପତ୍ର ଦେୟ କର ବସାଣ ଏବଂ 2.8.1971 ରେ ରିଟ୍ ଆବେଦନ ଦାଖଲ ହେବାର ତିନି ବର୍ଷ ପୂର୍ବରୁ ସଂଗୃହୀତ ଏହି କର ବସାଣ ଫେରସ୍ତ ନିର୍ଦ୍ଦେଶ ସହିତ ଜଡ଼ିତ ।

ଉତ୍ତରଦାତା, ଜଣେ ଅବକାରୀ ଠିକାଦାର, ଏକ ଅନୁମୋଦିତ ଦୋକାନ ପରିସରରେ ଖୁଚୁରା ମଦ ବିକ୍ରୟ କରିବାର ସ୍ୱତନ୍ତ୍ର ସୁବିଧା ନିଲାମରେ ନେଇଥିଲେ । ଉପରୋକ୍ତ ନିୟମାବଳୀର ନିୟମ 8 (1) ର ଦଫା 2 ଅନୁଯାୟୀ ଅନୁଜ୍ଞାପତ୍ର ଦେୟ ପ୍ରଦାନ ଉପରେ ଆଇନର ବ୍ୟବସ୍ଥା ଅନୁଯାୟୀ ତାଙ୍କୁ ଉପଯୁକ୍ତ ଅନୁଜ୍ଞାପତ୍ର ଜାରି କରାଯାଇଥିଲା । ଉତ୍ତରଦାତା, କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରି

ମହୀଶୂର ଅବକାରୀ ଅଧିନିୟମ, 1965 ର ଧାରା 23 (d) (ଏହା ପରେ ସଂକ୍ଷିପ୍ତରେ 'ଅଧିନିୟମ') ଏବଂ ନିୟମ 8 (1) ର କ୍ଷମତାକୁ ରାଜ୍ୟ ବିଧାନସଭାର ବୈଧାନିକ କ୍ଷମତା ବାହାରେ ବୋଲି ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ଧାରା 23 ସମ୍ବନ୍ଧରେ ଉତ୍ତରଦାତାମାନଙ୍କ ଯୁକ୍ତିକୁ ଗ୍ରହଣ କରିନଥିଲେ, କିନ୍ତୁ ଦର୍ଶାଇଥିଲେ ଯେ, ଖୁଚୁରା ଦୋକାନ ପାଇଁ ଅନୁଜ୍ଞାପତ୍ର ଦେୟ କର ବସାଣକୁ ପ୍ରାଧିକୃତ କରୁଥିବା ନିୟମ 8 (1) ଆଇନ ର ପ୍ରାଧିକାର ବିନା ଥିଲା ।

ଧାରା 23 (d), ଯେତେଦୂର ପ୍ରାସଙ୍ଗିକ, ପ୍ରଦାନ କରେ:

"23. ଏଭଳି ଶୁଳ୍କ ବସାଣ କରିବାର ଉପାୟ -

ନିର୍ଦ୍ଧାରିତ ସମୟ, ସ୍ଥାନ ଏବଂ ପଦ୍ଧତିକୁ ନିୟନ୍ତ୍ରଣ କରୁଥିବା ନିୟମାବଳୀର ବଶବର୍ତ୍ତୀ ରହି, ଧାରା 22 ଅନୁଯାୟୀ ଉତ୍ପାଦ ଶୁଳ୍କ ଏବଂ ପ୍ରତିକୂଳ ଶୁଳ୍କ ନିର୍ଦ୍ଧାରିତ ନିମ୍ନଲିଖିତ ଉପାୟଗୁଡ଼ିକ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଉପାୟରେ କର ବସାଣ କରାଯିବ, ଯେପରି ବ୍ୟବସ୍ଥା କରାଯାଇ ପାରେ, ଯଥା:

(a)..............

(aa)..............

(b)...............

(c).....................

(d) ଯେକୌଣସି ଶୁଳ୍କ ଯୋଗ୍ୟ ସାମଗ୍ରୀର ଉତ୍ପାଦନ କିମ୍ବା ବିକ୍ରୟ ସମ୍ପର୍କରେ ଅନୁଜ୍ଞାପତ୍ର ଉପରେ ଦେୟ ଦ୍ୱାରା ।"

ଏହି ଅଧିନିୟମ ଅନୁଯାୟୀ, ନିୟମ ପ୍ରଣୟନ କ୍ଷମତା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ 8, ଅନ୍ୟାନ୍ୟ ବିଷୟ ମଧ୍ୟରେ, ବ୍ୟବସ୍ଥା କରିଥାଏ:

"8. ପ୍ରଦାନ କରାଯିବାକୁ ଥିବା ଦେୟ -

( 1) ବିଭିନ୍ନ ପ୍ରକାରର ଅନୁଜ୍ଞାପତ୍ରଗୁଡ଼ିକ ପାଇଁ ଅନୁଜ୍ଞାପତ୍ର ଦେୟ ନିମ୍ନମତେ ହେବ, ଯଥା:

1 ......

2 ......

3 ......

ଉଚ୍ଚ ନ୍ୟାୟାଳୟ, ଏହି ଅଧିନିୟମର ଧାରା 23 (d) ର ଆପତ୍ତିକୁ ଯଥାର୍ଥ ଭାବରେ ଗ୍ରହଣ କରିନଥିଲେ । 23 (d) ଅନୁଯାୟୀ ଯାହା ପ୍ରାଧିକୃତ ହୋଇଛି ତାହା ହେଉଛି କୌଣସି ଶୁଳ୍କ ଯୋଗ୍ୟ ସାମଗ୍ରୀର ଉତ୍ପାଦନ କିମ୍ବା ବିକ୍ରୟ ସମ୍ବନ୍ଧରେ ଅନୁଜ୍ଞାପତ୍ର ଦେୟ ଲାଗୁ କରିବା । ନିୟମ 8 (1) ସ୍ପଷ୍ଟତଃ ଅନୁଜ୍ଞାପତ୍ରପ୍ରାପ୍ତ ଦୋକାନ ଅବସ୍ଥିତ ଥିବା ପରିସର ପାଇଁ ଏକ ଅନୁଜ୍ଞାପତ୍ର ଦେୟ ଦେବାକୁ ବାଧ୍ୟ କରି, ଧାରାରେ ଥିବା ସକ୍ଷମ ବ୍ୟବସ୍ଥା ବାହାରକୁ ଯାଇସାରିଛି । ଏପରି ଦେୟକୁ ଧାରା 23 (d) ର ସମର୍ଥନ ମିଳିବ ନାହିଁ । ଏହି ଉପସଂହାରର ସମର୍ଥନ ପାଇଁ ପୂର୍ବ ଦୃଷ୍ଟାନ୍ତ ଉଲ୍ଲେଖ କରିବା ଅନାବଶ୍ୟକ । ନିୟମାବଳୀ ଅନୁଯାୟୀ ବିଚାର କରାଯାଇଥିବା ପ୍ରକାରର ଅନୁଜ୍ଞାପତ୍ର ଦେୟ ପାଇଁ ବିଧାନସଭା ପାଇଁ ଏକ ବୈଧାନିକ ବ୍ୟବସ୍ଥା କରିବା ସମ୍ଭବ ହୋଇପାରେ, କିନ୍ତୁ ଆଇନର ପ୍ରାଧିକରଣ ବିନା ଏହି ପ୍ରକାରର ଏକ ଆକ୍ଷେପିତ ନିୟମ ତିଆରି କରାଯିବା ଉଚିତ ନୁହେଁ । ଆମେ ଏହି ଅପିଲରେ କୌଣସି ଯୋଗ୍ୟତା ପାଇନାହୁଁ ଏବଂ ତେଣୁ ଏହାକୁ ଖାରଜ କରିଦିଆଯାଇଛି ।

ଅପିଲ ନୋଟିସ ଦେବା ସତ୍ତ୍ୱେ ଉତ୍ତରଦାତା  ହାଜର ହୋଇନଥିଲେ । ଆମେ ଖର୍ଚ୍ଚ ପାଇଁ କୌଣସି ଆଦେଶ କରୁନାହୁଁ ।

ଜି. ଏନ୍.                                                                                ଅପିଲ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

**ଶ୍ରୀ ଦୀପକ କୁମାର ସାହୁ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**